# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 525 CUTTACK, SATURDAY, MARCH 16, 2019/FALGUNA 25, 1940**


## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଘୋଷଣା

ତାରିଖ 14 ଫେବ୍ରୁଆରୀ 2019

ସଂଖ୍ୟା 119—COL-JAJ-VIIL-22/2019—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୯ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ଯାଜପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା ମାଧପୁର, ଥାନା ସୁକିନ୍ଦା ନଂ. ୧୦୨, ତହସିଲ ସୁକିନ୍ଦା, ଜିଲ୍ଲା ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013) ର ଧାରା ୧୧(୧) ଅନୁଯାୟୀ ଭୂମି ଅନୁସୂଚୀର ବିଜ୍ଞପ୍ତି ସଂଖ୍ୟା ୨୪୬-ରା.ବି.ପ., ତାରିଖ ୨୨ ମଇ ୨୦୧୮ରେ ରାଜପତ୍ର ସାଖ୍ୟା ୧୩୪୨, ତାରିଖ ୩୧ ଜୁଲାଇ ୨୦୧୮ରେ ପ୍ରକାଶିତ ହୋଇଅଛି ;

ପୁନଶ୍ଚ ଏହା ଘୋଷଣା କରାଯାଉଅଛି କି ଯେ, ମୌଜା ମାଧପୁର, ଥାନା ସୁକିନ୍ଦା ନଂ. ୧୦୨, ତହସିଲ ସୁକିନ୍ଦା, ଜିଲ୍ଲା ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଏବଂ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା, ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.jajpur.nic.in ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା, ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଯାଜପୁର — ତହସିଲ-ସୁକିନ୍ଦା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଧପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧.୦୪୫ ଏକର | ଏଥିସହିତ ସଂଲଗ୍ନ |

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଯାଜପୁର ତହସିଲ-ସୁକିନ୍ଦା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯(୭) ଅନୁଯାୟୀ ପରିବର୍ଦ୍ଧିତ ଅଧିସୂଚନାର ବୈଧ ତାରିଖ : ୦୧-୦୬-୨୦୧୯

**ଭୂମି ଅନୁସୂଚୀ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ସରକାରୀ/ ବେସରକାରୀ | ମୋଟ ରକବା | ଅଧିଗ୍ରହଣ ହୋଇଥିବା ରକବା | ଅର୍ଜନ ରକବା | ଆଂଶିକ/ ସମ୍ପୂର୍ଣ୍ଣ | ଖାତା ରୟତଙ୍କ ନାମ |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |
| | | | | | ଏକର | ଏକର | ଏକର | | |
| ୩୮ | ୮୩ | ୧୬୯୯ | ଶାରଦଜଳ-୨ | ବେସରକାରୀ | ୦.୫୬୦ | .. | ୦.୧୨୧ | ଆଂଶିକ | କୃଷ୍ଣ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ପିତା ଦାମୋଦର ମିଶ୍ର, ଶ୍ୟାମସୁନ୍ଦର ମିଶ୍ର, ପିତା ଜଗବନ୍ଧୁ ମିଶ୍ର, ଜଞ୍ଜାଳୀ ମିଶ୍ର, ସ୍ୱା. ଜଗବନ୍ଧୁ ମିଶ୍ର । |
| ୩୯ | ୫୬୪/୨୨ | ୧୨୨୬ | ତଇଳା | ବେସରକାରୀ | ୧.୪୦୦ | .. | ୦.୪୫୯ | ଆଂଶିକ | ଗୁରୁଚରଣ ମହାନ୍ତ, ଅମିନ ମହାନ୍ତ, ରଘୁ ମହାନ୍ତ, ଗିରିଧାରୀ ମହାନ୍ତ, ପିତା ତନୁ ମହାନ୍ତ, ଗ୍ରାମ ମାଧପୁର ସାମିଲ ରବିନାରାୟଣପୁର । |
| ୪୦ | ୫୬୬ | ୧୬୮୭ | ଶାରଦଜଳ-୨ | ବେସରକାରୀ | ୦.୨୮୦ | .. | ୦.୨୪୫ | ଆଂଶିକ | ଆକୁଳି ଚନ୍ଦ୍ର ବେଜ, ପିତା ଭଇଗ ବେଜ |
| ୪୧ | ୪୭ | ୧୬୦୪ | ଶାରଦଜଳ ଦୋଫସଲି-୧ | ବେସରକାରୀ | ୦.୨୪୦ | ୦.୦୨୦ | ୦.୨୨୦ | ଆଂଶିକ | କରୁଣାକର ବେହୁରା, ପିତା କୁଞ୍ଜବିହାରୀ ବେହୁରା, ଗ୍ରାମ ନିଜଗାଁ । |
| | | | | ମୋଟ | | .. | **୧.୦୪୫** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ରଞ୍ଜନ କୁମାର ଦାସ**

ଜିଲ୍ଲାପାଳ, ଯାଜପୁର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2476—173+20